# ହସ୍ତଶିଳ୍ପ ତାଲିମ ପାଇଁ ବିଜ୍ଞାପନ

ଚଳିତ ଶିକ୍ଷା ବର୍ଷ (୨୦୨୩-୨୪) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂତନ ଭାବରେ ଅନୁମୋଦିତ ହୋଇଥିବା ନିମ୍ନ ଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର / ବିଦ୍ୟାଳୟ ଗୁଡିକରେ ଛାତ୍ର /ଛାତ୍ରୀ ଗ୍ରହଣ ନିମିତ ଆଗ୍ରହୀ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି | ଦରଖାସ୍ତ କରିବାର ଶେଷ ତାରିଖ ୧୫.୦୯.୨୦୨୩.

| କ୍ରମିକ ସଂଖ୍ୟା | ହସ୍ତଶିଳ୍ପ ବିଦ୍ୟାଳୟ /ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର (ପାଠ୍ୟକ୍ରମ) ନାମ | ଜିଲ୍ଲାର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|---|
| ୧. | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲଳିତଗିରି | ପଥର ଖୋଦେଇ (ମୌଳିକ) | କଟକ | ୧୦ | ୧ ବର୍ଷ |
| ୨. | ଖିଚିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖିଚିଙ୍ଗ | ପଥର ଖୋଦେଇ (ମୌଳିକ) | ମୟୂରଭଞ୍ଜ | ୧୦ | ୧ ବର୍ଷ |
| ୩. | ହସ୍ତଶିଳ୍ପ ତାଲିମ କେନ୍ଦ୍ର ନୀଳାଚଳ ହାଟ, ପୁରୀ | ପଥର ଖୋଦେଇ (ମୌଳିକ) | ପୁରୀ | ୧୦ | ୧ ବର୍ଷ |
| ୪. | ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲୁଣୁକୁଆ | ମୃତ୍ତିକା ଶିଳ୍ପ (ମୌଳିକ) | ଜଗତସିଂହପୁର | ୧୦ | ୧ ବର୍ଷ |
| ୫ | ହସ୍ତଶିଳ୍ପ ତାଲିମ କେନ୍ଦ୍ର, କରମୂଳ | ଆଦିବାସୀ ଅଳଙ୍କାର (ମୌଳିକ) | ଢେଙ୍କାନାଳ | ୧୦ | ୧ ବର୍ଷ |
| ୬. | ବଉଳ ଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡିଆ, ବାଲେଶ୍ୱର | ମୃତ୍ତିକା ଶିଳ୍ପ (ମୌଳିକ) | ବାଲେଶ୍ୱର | ୧୦ | ୧ ବର୍ଷ |
| ୭. | ବଉଳ ଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡିଆ, ବାଲେଶ୍ୱର | ପଥର ଖୋଦେଇ (ଉଚ୍ଚତର) | ବାଲେଶ୍ୱର | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କୁ ମାସିକ ଟ. ୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ |

**ଆବେଦନ ନିମନ୍ତେ ଯୋଗ୍ୟତା**

ବୟସ-ମୌଳିକ ପାଠ୍ୟକ୍ରମ ପାଇଁ ୧୪ ବର୍ଷରୁ ୪୦ ବର୍ଷ ଓ ଉଚ୍ଚତର ପାଠ୍ୟକ୍ରମ ପାଇଁ ୧୫ ବର୍ଷରୁ ୪୦ ବର୍ଷ । ତଫସିଲିଭୁକ୍ତ ଜାତି /ଜନଜାତି /ଶାରୀରିକ ଭିନ୍ନକ୍ଷମ /ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପାର୍ଥିମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ |

**ଶିକ୍ଷାଗତ ଯୋଗ୍ୟତା - ୮ମ ପାସ ଓ ତଦୁର୍ଦ୍ଧ |**

ଉଚ୍ଚତର ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀ ମୌଳିକ ପାଠ୍ୟକ୍ରମରେ ତାଲିମ ସମାପ୍ତ କରିଥିବେ କିମ୍ବା କୌଣସି ରାଜ୍ୟ / ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ କାରିଗରଙ୍କ ଅଧୀନରେ ୫ ବର୍ଷର ଅଭିଜ୍ଞତା ହାସଲ କରିଥିବେ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା – ତଫସିଲିଭୁକ୍ତ ଜାତି / ଜନଜାତି /ଶାରୀରିକ ଭିନ୍ନକ୍ଷମ /ସଂଖ୍ୟାଲଘୁ ସମ୍ପ୍ରଦାୟ /ମହିଳା ପ୍ରାର୍ଥୀ / ପ୍ରାର୍ଥୀନିଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି |

ଆଗ୍ରହୀ ପ୍ରାର୍ଥୀ / ପ୍ରାର୍ଥୀନୀ ସାଧା କାଗଜରେ ନାମ, ପିତାଙ୍କ ନାମ , ଠିକଣା , ବୟସ , ଶିକ୍ଷାଗତ ଯୋଗ୍ୟତା , ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମକେନ୍ଦ୍ରର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହ ସମ୍ପୃକ୍ତ ଜିଲ୍ଲାର ଉପ ନିର୍ଦ୍ଦେଶକ/ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ | ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ/ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ |

ସ୍ୱା

ନିର୍ଦ୍ଦେଶିକା

ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

ଭୁବନେଶ୍ବର